# ବିବିଧ ଅସ୍ୱପ୍ନ

ଏ ପର୍ଯ୍ୟନ୍ତ ଘଟିଯାଇଥିବା ଘଟଣାବଳୀ ବାଟସାରା ମନ ଭିତରେ ଦୋହରାଇ ଦୋହରାଇ ସୀମା ବେଶୀ ଥକି ଯାଇଥିଲା । ଆଟାଚିଟା ଡାହାଣ ହାତରେ ଧରି ସେ ଦରକାରଠାରୁ ବେଶୀ ଜୋର୍‌ରେ ପ୍ଲାଟ୍‌ଫର୍ମ ଉପରକୁ ଡେଇଁ ପଡିଥିଲା । ଅତି ଦୃଢ ଭଙ୍ଗୀରେ ପାଦକୁ ଜୋର୍ ଜୋର୍ ପକାଇ ସେ ଷ୍ଟେସନ୍ ବାହାରକୁ ବାହାରି ଆସିଥିଲା ଓ ରିକ୍ସା ଧରିଥିଲା । ରାସ୍ତାର ଶିରା ପ୍ରଶିରାକୁ ତନ୍ନ ତନ୍ନ କରି ନିରେଖିବା ପରି ସେ ଆଗକୁ ଚାହିଁ ବସିଥିଲା । ମଝିରେ ମଝିରେ ନଖ କାମୁଡୁଥିଲା ଓ ବାଁ ହାତରେ ବିଶି ଆଙ୍ଗୁଠିରେ ଶାଢୀ ଧରି ଗୁଡାଉଥିଲା । ଘରର ଅସ୍ୱାଭାବିକ ଅବସ୍ଥା କଥା ତ ପୁରାପୁରି ଭୁଲି ଯାଇଥିଲା ସେ । ଗେଟ୍ ଖୋଲି ଭିତରେ ପଶୁ ପଶୁ ଏକଥା ତାର ମନେ ପଡିଗଲା । କୁନୁଭାଇ, ରିନା ଭାଉଜ ଓ ବବ୍‌ଲୁ ଏଠି ପାଞ୍ଚ ଛଅ ମାସ ହେବ ଆସିଅଛନ୍ତି — ମାଆ ଚିଠିରେ ଲେଖିଥିଲାଯେ ସେ, ତ ବେଶ୍ କିଛିଦିନ ହୋଇଗଲାଣି । ଫୋନରେ ଏକଥା କିଛିହେଲେ କହୁ ନ ଥିଲା । ଲେଖିଥିଲା କୁନୁ ଭାଇର ପାଗଳାମି ବାହାରିଛି ଓ ସେ ମେଡିକାଲ୍ ଟ୍ରିଟ୍‌ମେଣ୍ଟ୍‌ରେ ଅଛି । ସତ କି ମିଛ ! ସବୁଦିନଆ ଚଳଣିରୁ ଟିକିଏ ଏପାଖ ସେପାଖ ହେଲେ ତ ମାଆକୁ ପାଗଳାମି ବାହାରିଲା ପରି ଲାଗେ । ସେଇଭଳିଆ କିଛି ହୋଇଥିବ କି କ'ଣ !

ଗାଡି ନାହିଁ । ବାପା ବୋଧହୁଏ ଘରେ ନାହାନ୍ତି । ଭିତରକୁ ପଶିଲା ସୀମା । କୁନୁଭାଇ ତ ! ପେପର ଧରି ବସିଛି — ଏମିତି କ'ଣ ଧଡିଆ ହୋଇ ଯାଇଛି ସେ ! ମୁହଁକୁ ନ ଚାହିଁଲେ ଜାଣିହେବ ନାହିଁ ସେ ବୋଲି ! "କୁନୁ ଭାଇ !" ସୀମା ବିସ୍ମୟ ଓ ଖୁସିରେ ଡାକି ପକାଇଥିଲା ।

"ଆରେ ତୁ କ'ଣ ? ସକାଳୁ ସକାଳୁ ? କ'ଣ ଏକୁଟିଆ ? କେମିତି ?" କୁନୁଭାଇ ପେପରକୁ ଗୋଟିଏ ହାତରେ ଧରିଛି ।

"କିଏ ? ସୀମା ? ଶୁଭେନ୍ଦୁ କାହିଁ ? ତୁ କ'ଣ ଏକୁଟିଆ ଆସିଛୁ ନା କ'ଣ ? ଏକୁଟିଆ ଆସିଲୁ କାହିଁକି ? ଫୋନ୍ କଲୁ ନାହିଁ ? ବାପା ଷ୍ଟେସନକୁ ଯାଇଥାଆନ୍ତେ । କ'ଣ ହେଲା ? ତ ମାଆ ଲୁଗାରେ ହାତ ପୋଛି ପୋଛି ବାହାରି ଆସିଲେ ।"

"ଓଃ, ରହ ନା —ଏକାଥରେ ଏତେ କଥା କ'ଣ ପଚାରୁଛୁ- ସୁବାସକୁ କହ ଟିକେ ପାଣି ଗରମ କରିବ । ବାପା କୁଆଡେ ଗଲେ ? ରୀନା ଭାଉଜ ଅଛନ୍ତି ନା ? କାହାନ୍ତି ? ବବ୍‌ଲୁ ?"

"ହଁ, ହଁ-ସମସ୍ତେ ଅଛନ୍ତି । ତୁ ଯା, ବାଥ୍‌ରୁମ୍‌କୁ ଯା-ସେ ପାଣି ଦେଇଦେବ । ସେଇଟା ରଖ ସେଇଠି ।" ମା, ତାକୁ ଭିତରକୁ ବାଟ ଛାଡିଦେଲେ । ରୀନା ଭାଉଜ ରୋଷେଇଘରୁ ଦଉଡି ଆସିଲେ, "ସୀମା ! ଖବର ବି ଦେଇନ ! କଥା କ'ଣ ? ଏକା ଆସିଛ ?"

"ହଁ, ଏକା ଆସିଛି ।" କାହାକୁ ନ ଚାହିଁ ସୀମା ଗମ୍ଭୀର ହୋଇ କହିଲା — ଏଇ ଉତ୍ତରଟା ସମସ୍ତଙ୍କ ପାଇଁ !

"ଦେଖେ, ପାଉଁରୁଟି ଆଉ ଥିଲା କି ନାହିଁ । ସୀମା ପାଇଁ ଚାରିଖଣ୍ଡ ଫ୍ରେଞ୍ଚ ଟୋଷ୍ଟ୍ କରିଦେ - ଚାହା ବି ଟିକେ ବସା ।" ତା ମା ରୀନା ଭାଉଜକୁ କହିଲେ । ସୀମା ଧୁଆଧୋଇ ହୋଇ ଶାଢୀ ବଦଳାଇ ଆସିଲାବେଳକୁ ଟେବୁଲ୍‌ରେ ଜଳଖିଆ ଥୁଆ ହୋଇଯାଇଥିଲା ।

"ତପ, ରାତିରେ ଖାଇଥିଲୁଟି ?" ମାଆ ପଚାରିଲେ ।

"ହଁ ।" ମୁଣ୍ଡ ଟୁଙ୍ଗାରିଲା ସୀମା ।

ଭାଉଜ ରୋଷେଇଘର କବାଟକୁ ଆଉଜି ଠିଆ ହୋଇଛନ୍ତି — ସାମ୍ନା ଚେଆରରେ ମା ତା ମୁହଁକୁ ଚାହିଁଛନ୍ତି ।

"କ'ଣ ହେଇଛି ? ଏମିତି ଚାଲିଆସିଲୁ ଯେ ?"

ସୀମା ପୁଣିଥରେ ଏ ପ୍ରଶ୍ନକୁ ଏଡାଇଦେଲା । "କୁନୁଭାଇ ଝଡିଯାଇଛି ଏତେ ? କ'ଣ ହୋଇଛି ତା'ର ? ତୁ ଏମିତି କ'ଣ ଲେଖିଥିଲୁ । ଭଲ କରି କାହିଁ ତ ଆଉକିଛି ଲେଖିଲୁନି ? ଲେଖିଥିଲୁ ଯେ, ମେଡିକାଲ୍ ଟ୍ରିଟ୍‌ମେଣ୍ଟରେ ଅଛି ବୋଲି ।"

"ହଁ. ଟ୍ରିଟ୍‌ମେଣ୍ଟ ଚାଲିଛି ତ । ପ୍ରଥମେ ତା ଅଫିସ୍‌ରେ ବାହାରିଲା, ଅଫିସ୍‌ର ଲୋକମାନେ ସମ୍ଭାଳି ନେଲେ । ତା'ପରେ ଚାରି ପାଞ୍ଚଦିନ ଛାଡି ପୁଣି ବାହାରିଲା । ରୀନା ବ୍ୟସ୍ତ ହୋଇ ଫୋନ୍ କଲା । କୁନୁର ସାଙ୍ଗ ମାନେ ବି ବେଶି ସାହାଯ୍ୟ କଲେ । ତୋ ବାପା, ମୁନୁ ଖବର ପାଇଯାଇ ସମସ୍ତଙ୍କୁ ଦେଇ ଆସିଲେ । ସେଇଦିନଠାରୁ ତ ଚାଲିଛି ଏମିତି । ତିନିଥର ରାଞ୍ଚି ନେଇଥିଲେ- ରାଉରକେଲା ଦୁଇଥର । ମୁନୁ ଲେଖିଥିଲା ହାଇଦ୍ରାବାଦରେ ଭଲ ସ୍ପେସାଲିଷ୍ଟ ଅଛନ୍ତି ବୋଲି । ସମସ୍ତେ ସେଠିକି ବି ଯାଇଥିଲୁ । କେହି ପୁରା ଭରସା ଦେଇପାରୁନାହାନ୍ତି । ପରେନ୍‌ରେ ଭଲ ହୋଇ ପାରିବ କି ନାହିଁ, ତା ବି କହିପାରୁ ନାହାନ୍ତି ଠିକ୍‌ କିନା । ଡାକ୍ତର ଦେଖା ଚାଲିଛି- କ'ଣ ହେଉଛି କେଜାଣି . . .

"କ'ଣ ବାହାରିଲା- କେମିତି ? ଭରସା କ'ଣ ଦେଇପାରୁ ନାହାନ୍ତି ଡାକ୍ତର --ଭଲ କରି କହୁ ନାହୁଁ କାହିଁକି ?" ସୀମା ଅଧୈର୍ଯ୍ୟ ହୋଇପଡିଲା, "କୁନୁଭାଇ ତ ଖାଲି ଯାହା ଟିକେ ପତଳା ଦିଶୁଛି ।" "ଆସ୍ତେ ଆସ୍ତେ କହ, କୁନୁକୁ ଶୁଭିବ ।" ତା ମା ଫିସ୍ ଫିସ୍ କରି କହିଲେ । ତା' ଆତାଚିତାକୁ ସାମାନ୍ୟ କଡକୁ ଘୁଞ୍ଚାଇଦେଲେ -ଫିଲ୍ଟରରୁ ପାଣି ଗ୍ଲାସେ ଆଣି ପୁଣି ବସିଲେ । କିଛି ସମୟ ସବୁ ଚୁପ୍ ଚାପ୍ ହୋଇଗଲା । ସୀମା ଶେଷ ପିସ୍ ବ୍ରେଡ୍‌କୁ ହାତରେ ଏପାଖ ସେପାଖ କରୁଥିଲା । "ସେମାନେ ମଣିଷକୁ କ'ଣ ଭାବନ୍ତି କେଜାଣି ? ଯେତେ ସମୟ ଘରେ ଥିବେ ମୋତେ ପଦେ ବି କଥା କହିବେନି ହସାହସି ଚୁପ୍‌ଚାପ୍ ଚାଲିଥିବ, ମୁଁ ଯଦି ସେ ଘର ଭିତରକୁ ପଶିଆସେ ତେବେ ହଠାତ୍ ଚୁପ୍ ହୋଇଯିବେ- ସତେ ଯେମିତି ମୋରି ବିଷୟରେ ହିଁ ଖାଲି ଗପୁଛନ୍ତି ।" ସୀମା ମୁହଁ ଫଣ ଫଣ କରି କହିଲା ।

"କାହା କଥା କହୁଛୁ ?"

"କାହା କଥା ଆଉ —ସେଇ ମାଆ ଝିଅଙ୍କ କଥା । ଦେଖିଲେ ତୋ ମୁଣ୍ଡ ଖରାପ ହୋଇଯିବ । କିନ୍ତୁ ସେ ଯାହାହେଲେ ବି ଚଳି ଯାଉଥିଲା । ବସି ବସି ବୋର୍ ବୋର୍ ହେଉଥିଲି ବୋଲି କହିଲି ଗୀଟାର୍ ଶିଖିବି । ସେଇଠି ବି ପାଖରେ ସ୍କୁଲେଟ ଅଛି । ମୁଁ ତାଙ୍କୁ ଚୁପ୍ କରି କହୁଛି, ସେ ଆସି ଶାଶୁ, ରିମାଙ୍କୁ ଶୁଣେଇ ଶୁଣେଇ କହିଲା-ଯାହା ଯାହା ଶିଖିବା କଥା ତ ତୁମ ଘରୁ ଶିଖିକି ଆସିଛ-ଆଉ ବେଶୀଗୁଡାଏ ଶିଖିବା ଦରକାର ନାହିଁ ।" ସୀମା ପାଣି ପିଇଲା । 'ଅପମାନ ଦେବାର ଗୋଟାଏ ସୀମା ଅଛି । କ'ଣ ପାଇଁ ସେମାନେ ଭାବୁଛନ୍ତି ଯାହା ଇଚ୍ଛା ତା କରିବେ, କହିବେ —ମୁଁ ଖାଲି ସହି ଯାଉଥିବି ?' ବାହାଘର ଆଗରୁ ତ ଛଅ ମାସ ଧରି ଯିବା ଆସିବା କରୁଥିଲା-ଏମିତି ଗୁଣ ଜଣାପଡୁ ନ ଥିଲା କେବେ-ସୀମାର ସ୍ୱର ଚଡା ହୋଇଯାଉଥିଲା ।

"ଏଥିପାଇଁ ତୁ ଏମିତି ଖବର ନ ଦେଇ ଚାଲି ଆସିଲୁ ? ଶୁଭେନ୍ଦୁକୁ କହିକି ଆସିଛୁ ନା ନାହିଁ ?"

ସୀମା ଚମକି ଉଠିଲା, 'କହିକି ମାନେ ? ସେ କ'ଣ କୁଆଡେ ଯାଏ, ଆସେ, ମୋ' ଠାରୁ ଅନୁମତି ନିଏ ସେଥିପାଇଁ ? ହଁ ବେଳେ ବେଳେ କହିଦେଇ ଯାଏ ଯେ, ଯାଉଛି ବୋଲି କ'ଣ ପଚାରେ କେବେ ? ଆଉ ମୋ ବେଳକୁ . . . ସୀମା କଥା ଚୋବି ପକାଇଲା । ଆଃ କ'ଣ ଦିଶୁଛି ମାଆ ! ଏ ପର୍ଯ୍ୟନ୍ତ ସେ ଭଲକରି ତା ମୁହଁକୁ ଚାହିଁ ନ ଥିଲା । କିଏ ଯେମିତି ରକ୍ତ ନିଗାଡି ନେଇ ଶେଥା କରିଦେଇଛି ତା ମୁହଁକୁ । ଆଖିରେ ଯେମିତି ଖାଲି ଚାହାଣି ଅଛି-ଦେଖିବାକୁ କିଛି ନାହିଁ ଆଉ । ଓଠ ଫାଟି ହୋଇ ଧଳା ଦିଶୁଛି । ମୁହଁରେ ଏମିତି ଗୋଟାଏ ଭାବ-ବାହାରକୁ ଜଣାପଡୁ ନ ଥିବା ଖଣ୍ଡିଆଖାବରାରେ ଲହୁଲୁହାଣ ହୋଇ ଘୁଷୁରୁଥିବା ମଣିଷର ମୁହଁରେ ଯେମିତି ଟଣାଓଟରା ହସ ଓ ଛପି ପାରୁ ନ ଥିବା ଯନ୍ତ୍ରଣା ଏକାଠି କରି ନେସା ହୋଇଥାଏ । ମାଆ ଏମିତି ବଦଳି ଯାଇଛି ଏ ଦିନ କେତେଟାରେ ! କ'ଣ ହେଲା ତା'ର ? ବଡ ଚାକିରୀ କରୁଥିବା ପୁଅ, ସୁନ୍ଦରୀ ବୋହୂ, ବୁଦ୍ଧିମତୀ ଝିଅ, ଭଦ୍ର, କର୍ମଠ ସ୍ୱାମୀ-ବାରିହେଇ ପଡୁଥିବା ସ୍ୱଚ୍ଛଳତାରେ ନସରପସର ହେଉଥିବା ମାଆକୁ ତ ସେ ଏଇଠି ଛାଡି ଯାଇଥିଲା ! କ'ଣ ଏମିତି ବଦଳିଗଲା ଏଇ ଛଅମାସ ଭିତରେ ! ସୀମା ନିରେଖି ଦେଖୁଛି ବୋଲି ତା ମାଆ ବୋଧେହୁଏ ଜାଣିପାରିଲେ । 'ତୁମେମାନେ ତ ସବୁ ବଡବଡ ହେଲଣି । ଯାହା ତୁମ ଇଚ୍ଛା-' ସେ ରୋଷେଇଘର ଆଡକୁ ଉଠିଗଲେ ।

ଏପଟସେପଟ ହେଇ, ଗପସପ କରି, ଛାତ ଉପରରୁ ବଗିଚାଯାଏ ବୁଲି ବୁଲି ସୀମାର ସାରାଦିନ କଟିଗଲା । ସମସ୍ତେ ରାତିରେ ଏକାଠି ଖାଇଲେ । ଟି.ଭି, ସିନେମା, ପଲିଟିକ୍ସ ସବୁଥିରୁ ଟିକେ ଟିକେ ପଡି ଖାଇବା ଟେବୁଲ୍‌ରେ ଗୁଡାଏ ଡେରି ହୋଇଗଲା ! ସୀମାର ରୁମ୍ ଏ ଭିତରେ ଝଡାପୋଛା ହୋଇଯାଇଥିଲା । କବାଟ ବନ୍ଦ କରି ସୀମା ଆଗ ତା ଡ୍ରେସିଂ ଟେବୁଲ୍, ଆଲଣା, ବହିଥାକ, ଖଟସବୁକୁ ଛୁଇଁଗଲା । କିଛି ଯେମିତି ପୁରୁଣା ଲାଗୁ ନାହିଁ-ବଦଳିଗଲା ପରି ଲାଗୁ ନାହିଁ । ଖଟ ଉପରସାରା ଜହ୍ନଆଲୁଅ ବିଛିହୋଇ ପଡିଛି । ବିଛଣାରେ ଗଡିଯାଇ, ଗାଲକୁ ବାହୁରେ ଲଗାଇ ସୀମା ଝରକାବାଟେ ଆକାଶକୁ ଚାହିଁଲା-ଜହ୍ନ ଲାଗୁଛି ଯେମିତି ମୋର ବୋଲି କହି ଛାତିରେ ଜାବୁଡି ଧରି ହେବ ! ପାଚେରି କଡ ଗଛରୁ ଶେ'ାଳି ଫୁଲର ବାସ୍ନା ଭାସି ଆସୁଛି କାନ୍ଥ ଭେଦି । ପବନ ବହୁଛି କି ନାହିଁ —ଥଣ୍ଡା ଥଣ୍ଡା ଲାଗୁଛି, କିନ୍ତୁ-ସୀମାକୁ ଡେରି ରାତିର ଏମିତି ଶାନ୍ତ, ନିସ୍ତବଧ ଅବସ୍ଥା ଖୁବ୍ ଭଲ ଲାଗେ-ଖୁସି ଲାଗୁଥିବା କଥାତକ ମନେ ପକାଇବାକୁ ଇଚ୍ଛାହୁଏ । ଲାଗେ ଯେମିତି କିଏ ତା'ର ପାଖରେ ଥାଇ ମଧୁର ସ୍ୱରରେ ଗୀତ ବୋଲୁଛି ! ସବୁ ତ ସେଇମିତି ଅଛି, ଯେମିତି ଆଗରୁ ଥିଲା-ଏପଟସେପଟ କ'ଣ ହୋଇଯାଇଛି ବୋଲି ସେ ଭାବୁଥିଲା ? ସୀମାର ଆଖି ବୁଜି ହେଇଆସୁଥିଲା ।

ସକାଳୁ ସକାଳୁ ଜୋର୍ ପାଟିତୁଣ୍ଡରେ ତା ନିଦ ଚାଉଁକରି ଭାଙ୍ଗିଗଲା । କୋଉଠୁ ଶବ୍ଦ ଆସୁଛି, ସେ ହଠାତ୍ ବାରିପାରିଲା ନାହିଁ । ରୁମ୍‌ରୁ ବାହାରି ଆସିଲା ସୀମା । ଇଏ କି ଅବସ୍ଥା କୁନୁଭାଇର ! ବାପା, ସୁବାସ, ମା, ଡ୍ରାଇଭର ତାକୁ ତିନିକଡରୁ ଧରିଛନ୍ତି । ସେ ଲଟକିଲା ପରି ରହି ଖାଲି ବାଡେଇ କଚାଡି ହେଉଛି । ତା'ର ଗୋଟାଏ ଗୋଡ ଖଟ ଉପରେ, ଆଉ ଗୋଟାଏ ତଳେ-ଦେହରେ ଗେଞ୍ଜି ନାହିଁ-ଖାଲି ପାଇଜାମା ପିନ୍ଧିଛି-ପିଞ୍ଜରାହାଡ ଗଣି ହେଇଯାଉଛି । ସେ କିନ୍ତୁ ଖାଲି ଉଠୁଛି . . . ପଡୁଛି । ଗୋଟିଏ ପଟର ବାଳ ଝାମ୍ପୁରା ହୋଇ ବାଁ ଆଖି ଉପରେ ପଡିଛି । ଅଦ୍ଭୁତ ତୀବ୍ର ସ୍ୱରରେ ସେ ହାଉ ହାଉ ହେଇ ଚିତ୍କାର କରୁଛି । ଜକ୍ ଜକ୍ ଜଳୁଥିବା ପରି ତା'ର ଗୋଟିଏ ଆଖିର ଦୃଷ୍ଟି-ମଝିରେ ମଝିରେ ସେ ହିଂସ୍ର ଭାବରେ ସୀମା ଆଡକୁ ଚାହୁଁଛି । ସୀମା ତ କବାଟ ପାଖରେ କାଠ ହେଇଗଲା । ହାତ, ପାଦ ନ ଚଳିଲା ପରି ଲାଗୁଥିଲା ତାକୁ ! ସୀମା ଭୂତ ଦେଖିଲା ପରି ଚାହିଁ ରହିଥିଲା ।

"ଦଉଡି ଦିଅ ବୋହୂ ।" ବାପା ପାଟି କଲେ । ନିଶ୍ଚଳ ଅବସ୍ଥାରୁ ସୀମା ଟିକେ ମୁହଁ ବଙ୍କାଇଲା । ରୀନା ଭାଉଜ ବବ୍‌ଲୁକୁ କାଖେଇ ଠିଆ ହେଇଛନ୍ତି-କେମିତି ଗୋଟାଏ ଶୂନ୍ୟ ଦୃଷ୍ଟିରେ ତାକୁ ଚାହିଁ ରହିଛନ୍ତି । ବବ୍‌ଲୁ ତା ମାଆକୁ ଟୁକ

ହାତରେ ତାକୁଡ଼ି ଧରିଛି-ତା ମୁହଁ ଫାଟିଆସୁଛି କୋହରେ ।

ଦିନସାରା କୁନୁଭାଇ ସେମିତି ବନ୍ଧା ହେଇପଡ଼ିଲା । ଖରାବେଳେ ପାଖ ଔଷଧ ଦୋକାନରୁ କମ୍ପାଉଣ୍ଡର୍ ଆସି ଇଞ୍ଜେକ୍‌ସନ୍ ଦେଲେ । ଘର ଭିତରେ କେମିତି ଥମ୍ ଥମ୍ ଭାବ ଭରି ରହିଥିଲା । ଦିନଯାକ ତ ସେ କେବଳ ରୀନାଭାଉଜଙ୍କ ପଛଟଟ ହିଁ ଦେଖିଛି । ରାତିରେ ଖାଇ ବସିଥିବାବେଳେ ବାପା ହଠାତ୍ କହିଲେ-"ଆଉ ବୋଧହୁଏ କିଛି ହେବ ନାହିଁ । ଡାକ୍ତର କହୁଛନ୍ତି ଏମିତି ଏବେ ଫ୍ରିକ୍ୱେଣ୍ଟଲି ବାହାରିବ । ବେଶୀ ଭୟଙ୍କର ବି ହୋଇପାରେ । ଘରେ ଯଦି କେହି ନ ଥିବେ, ତୋହୁ, ବବ୍‌ଲୁ ଥିବେ କି ତୋ ମାଆ ଏକା ଥିବ, କ'ଣ ହେବ କେଜାଣି ? ଆଜି ତ ଭୋର୍ ଭୋର୍‌ରୁ ସେ କାଚ ଗ୍ଲାସଟାଏ ମୋ ଉପରକୁ ପକାଇଲା । ଭାଗ୍ୟକୁ ଖଟରେ ବାଜି ଚୂନା ହୋଇଗଲା ସେଇଟା ।" ବାପାଙ୍କ ସ୍ୱର ନଇଁଗଲା, "ମୁନୁ କହିଲା-ଗଭର୍ଣ୍ଣମେଣ୍ଟରେ ନ ହେଲେ ନାହିଁ, ପ୍ରାଇଭେଟ୍ କେଆରରେ ତାକୁ ରଖିବାକୁ, ଟଙ୍କା ପଡ଼ିଲେ ପଛେ ପଡ଼ୁ ମାସକୁ ନ'ଶହ କି ହଜାରେ, ଭଲ ଯଦି ହେବାର କଥା ହେଇଯିବ ନ ହେଲେ ନାହିଁ ।" ବାପାଙ୍କ ହାତ ଥାଳି ଉପରେ ଅଟକି ଯାଇଥିଲା ।

ସୀମା ବିଛଣାରେ ଛଟପଟ ହେଉଥିଲା । କୌଣସିମତେ ସେ ଏଇ ପରିସ୍ଥିତିକୁ ଗ୍ରହଣ କରିପାରୁ ନ ଥିଲା । ଇଏ କ'ଣ ସତରେ ସମ୍ଭବ ? ସେ ବାରମ୍ବାର ପଚାରି ହେଉଥିଲା ନିଜକୁ । କୁନୁଭାଇ-ଯିଏ ତାଙ୍କ ପରିବାରର ଗର୍ବ ଥିଲା । ତା ସହ ବିତାଇଥିବା ସମସ୍ତ ସ୍ନେହସିକ୍ତ, ମଧୁର ମୁହୂର୍ତ୍ତଗୁଡ଼ିକ ତୁହାଇ ତୁହାଇ ମନେ ପଡ଼ୁଥିଲା ସୀମାର । ସ୍ୱପ୍ନ ଦେଖିଲାଭଳି ଲାଗୁଥିଲା ତାକୁ । କୁନୁଭାଇ ପୁଣି ପାଗଳ ହୋଇଯାଇଛି । କଳ୍ପନାର ପରିସର ଭିତରେ ବି ଏକଥା ଭର୍ତ୍ତି କରିବାକୁ ତାକୁ କଷ୍ଟ ହେଉଥିଲା ।

ପରଦିନ ସକାଳୁ ପାଦ ଚିପି ଚିପି ରୁମ୍‌ରୁ ବାହାରି ଆସୁଥିଲା ସେ ।

"କ'ଣ ମହାରାଣୀଙ୍କ ଅଭ୍ୟାସ ଏ ଯାଏ ଯାଇ ନାହିଁ ? ନଅଟା ବାଜିଲାଣି ଆସି ।"

ସୀମା ଚମକି ପଡ଼ିଲା-କୁନୁଭାଇ କହୁଛି ବେସିନ୍ ପାଖରୁ । ସୀମା ତାକୁ କାବା ହୋଇ ଚାହିଁ ରହିଲା ।

"ଏମିତି ଚାହୁଁଛୁ କ'ଣ ? ଯା' ଦାନ୍ତଘଷି ଖାଇବୁ ଯା ।" କୁନୁଭାଇ ତା'ର ସବୁଦିନଆ ସରଳିଆ ସ୍ୱରରେ କହିଲା ।

ଗତକାଲିର ଘଟଣା କ'ଣ ସେ ଭୁଲିଯାଇଛି ? ସାମାନ୍ୟ ଆଭାସ ବି ମିଳୁ ନାହିଁ ତା'ଠାରେ । ଖୁବ୍ ବ୍ୟସ୍ତ ବ୍ୟସ୍ତ ଲାଗିଲା ସୀମାକୁ । କେହି କିଛି କହୁ ନାହାନ୍ତି ତାକୁ, ଏପଟ ସେପଟ ମାଆ, ରୀନାଭାଉଜ, ସୁବାସ ନିଜ ନିଜ କାମ କରି ଯାଉଛନ୍ତି ଚୁପ୍‌ଚାପ୍ । କେତେଗୁଡ଼ାଏ ଅଚିହ୍ନା ଲୋକ ଯେମିତି ଲକାଠି ହୋଇଛନ୍ତି ଓ ଶୀଘ୍ର କାମସାରି କୁଆଡେ ହେଲେ ପଳାଇବେ ! ନୂଆ ଜାଗାରେ ପହଞ୍ଚିଗଲା ଭଳି ଲାଗିଥିଲା ତାକୁ । ଦିନଟା ଅବିଶ୍ୱାସ୍ୟ ଭାବେ ଲମ୍ବା ଓ ଗରମ ହେଇ ଯାଉଥିଲା ପରି ସୀମାର ମନେହେଲା ।

ତା' ଶୋଇବା ଘର ଭିତରକୁ ରୀନାଭାଉଜ ପଶି ଆସିଲେ । ସୀମା ଧଡ଼ପଡ଼ି ହେଇ ଉଠି ବସିଲା ।

"ମୁଁ ଭାବିଲି ଶୋଇ ପଡ଼ିଥିବ ।" ଭାଉଜ ତା ଖଟ ଧାରରେ ବସି ପଡ଼ିଲେ । "ସାତ ଆଠଦିନ ତଳେ, ମାଆ ସନ୍ଧ୍ୟାବେଳେ ଆଚାର୍ଯ୍ୟ ମଉସାଙ୍କ ଘରକୁ ଯାଇଥିଲେ । ବାପା, ସୁବାସ ଓ ବବ୍‌ଲୁଙ୍କୁ ନେଇ ବଜାର ଯାଇଥିଲେ । ମୁଁ ରୋଷେଇଘରେ ନଡ଼ିଆ କୋରୁଥିଲି ପୁର ପାଇଁ । ଲାଗିଲା ଯେମିତି ତୁମ ଭାଇ ମୋ ପଛରେ ଠିଆ ହୋଇଛନ୍ତି । ମୁଁ ଖୁବ୍

ଡରିଗଲି । ଢୁଲି ହଲୁଛି, ମୁଁ ବି କୋରଣା ଧରି ବସିଛି-ପଛକୁ ବି ଚାହିଁ ପାରିଲିନି ସାହସ କରି । ଜାଣିପାରୁଥାଏ ସେ କେମିତି ଠିଆ ହୋଇଛନ୍ତି । ପ୍ରାୟ ପାଞ୍ଚ ମିନିଟ୍ ଚାଲିଗଲା । ସେ ପଚାରିଲେ-ବବ୍‌ଲୁ କାହିଁ ? ମୁଁ ଉତ୍ତର ଦେଇପାରିଲି ନାହିଁ । ଟିକିଏ ପରେ ସେ ପୁଣି କହିଲେ-ମୋ ଦେହ ତ ଏମିତି ଖରାପ ହେଲା । ତୁମେମାନେ ଚଳୁଛ କେମିତି ?" ରାନାଭାଉଜ ଚୁପ୍ ହୋଇଗଲେ । ଅନ୍ଧାରରେ ସୀମା ତାଙ୍କ ମୁହଁ ଦେଖିବାକୁ ଚେଷ୍ଟା କରୁଥିଲା । ଦୁଇଜଣଯାକ ସେମିତି ମୁହାଁମୁହିଁ ହୋଇ ବସିଥିଲେ । କିଏ ଏଥିରେ ଭାଗନେବ ତାଙ୍କ ସହିତ ? ଚନ୍ଦ୍ର, ପବନ, ଆକାଶ ନା ବଗିଚାର ଫୁଲ ! ଏ ପର୍ଯ୍ୟନ୍ତ ଘଟି ଯାଇଥିବା ଘଟଣାଟିକ କୁହୁକ ଭଳି ଲାଗୁଥିଲା ସୀମାକୁ ।

ଦୁର୍ଯୋଗ କେମିତି ମାଡିଆସେ ଜୀବନ ଉପରକୁ ? ଏମିତି ଭେଲିକି ଭଳି ! ସତ କି କଳ୍ପନା-ବିଶ୍ୱାସ ଅବିଶ୍ୱାସ ଭିତରେ ଛନ୍ଦି ହେଉ ହେଉ --ଟିକିଏ କ'ଣ ହେଇଯାଇଛି, କାଲିକୁ ସବୁ ଠିକ୍ ହୋଇଯିବ ଯେ ଭାବୁ ଭାବୁ କ'ଣ ଦୁର୍ଯୋଗ ଛନ୍ଦି ହେଇଯାଏ ଖୋଲା, 'ର୍ଜା ଜାଗାମାନଙ୍କରେ ? କେବେହେଲେ ହାରି ନ ଯିବାକୁ ଶପଥ କରିଥିବା ଜୀବନ କି ଅସହାୟ ପଟରେ ! ହିସାବ କିତାବ, ମାପଚୁପ୍, ସାଇତା ସାଇତି ସବୁ ବିପର୍ଯ୍ୟସ୍ତ ହୋଇଯାନ୍ତି ମନଇଛା !

ସୀମାର କିଛି କହିବା ଉଚିତ । ଭାଉଜ ତା ନିଜ ବୟସର । ତ' ଭଳି ଆଉ ଜଣେ । "ତୁମ ଭାଇମାନେ ସବୁ ଭଲରେ-ଭଲ ଘର ବି ବେଶ୍ ଧନୀ । ବବ୍‌ଲୁକୁ ଏଠି ମାଆ ରଖିନେବ । ବାହାଘର ତ ଦମାକୁ ଅଢେଇ ବର୍ଷ ହେଲା ହେଇଛି । ଆମ ଘରକୁ ଆସିଲାବେଳେ ଯେମିତି ଲାଗୁଥିଲ -ଫୁଲଟିଏ ଭଳି --ଏବେ ବି ସେଇମତି ଅଛ । ତୁମେ ଘରକୁ ଚାଲିଯାଅ । ସମୟ କିଛି ଗଡିଗଲେ ଠିକ୍ ହୋଇଯିବ ସବୁ । ଏସବୁ ଭୁଲି ହେଇଯିବ । ଜୀବନକୁ ନୂଆକରି ଦେଖିବା କଥା ତୁମର ।" ସୀମା ନିଜ କଥାରେ ନିଜେ ଆଶ୍ଚର୍ଯ୍ୟ ହେଇଯାଉଥିଲା ।

ଭାଉଜ ସବୁ ଭାବରେ ଶବ୍ଦ କରି ହସିଲେ । "ପାଠ ପଢିଲାବେଳେ କ'ଣ କରୁଥିଲି ଜାଣିଛ ? ବହି ପୃଷ୍ଠାରେ ଖାଲି ଅକ୍ଷରକୁ ଚାହୁଁଥିଲି ସିନା, ଗୋଟାଏ ଖୁବ୍ ବଡ ପୃଥିବୀ ତିଆରି କରିବାରେ ପ୍ରାୟ ଲାଗି ପଡିଥିଲି । ଘର, ବଗିଚା, ରାସ୍ତା, ନଈ, ପର୍ବତ ସବୁ ଭର୍ତ୍ତିକରି ଦେଉଥିଲି ଯୋଉଠିପାରେ ସେଇଠି । ନିଜକୁ ବି ତା ଭିତରେ ରଖି ଦେଉଥିଲି ମୋ ଇଚ୍ଛାନୁସାରେ । ପସନ୍ଦ ନ ଆସଲେ ଆଉ ପ୍ରକାରେ ଗଢି ଯାଉଥିଲି ନିଜେ ନିଜେ । ନିଜର ବୋଲି ଭାବି ନେଇଥିବା ଲୋକମାନଙ୍କୁ ବି ସଜେଇ ଦେଉଥିଲି ଭିନ୍ନ ଭିନ୍ନ ଜାଗାରେ ମୋତେ ସୁହାଇଲା ଭଳି । କବାଟ ଭିତରୁ ବନ୍ଦ କରି ଦର୍ପଣରେ ଦେଖୁଥିଲି -- କୁହୁକୁହୁ କଲେ, ହସିଲେ, କାନ୍ଦିଲେ, ରାଗିଲେ କି ଅଭିମାନ କଲେ ମୁଁ କେମିତି ଦିଶୁଛି । କେତେ ନିଶ୍ଚିନ୍ତରେ ଚାଲିଥିଲା ଏସବୁ ! କେହି ଯେମିତି କୋଉଠି ଦେଖୁନାହିଁ ! ହେଲେ କିଏ ଦେଖୁଥିଲା ନିଶ୍ଚେ । ମୋ ଆସ୍ପର୍ଦ୍ଧା ଦେଖି ହସୁଥିଲା ଚୁପ୍‌ଚାପ୍ । କେତେ ଶୀଘ୍ର ଆଖିରେ ଆଙ୍ଗୁଠି ଗେଞ୍ଜି ଦେଖାଇଦେଲା ଯେ ଗୁଡାଏ ବେକାରିଆ କାମରେ ମୁଁ ଏତେଦିନ ମାତିଥିଲି ବୋଲି !" ଟିକିଏ ରହିଗଲେ ସେ-"ଆଉରି ଅରେ କ'ଣ କରନ୍ତି ଯେ କହୁଛ-ଟିକିଏ ସ୍ୱପ୍ନ ଦେଖିବା ବି ମୋର ଉଚିତ ନୁହେଁ ବୋଲି ଜାଣିପାରିବା ପରେ କ'ଣ କରନ୍ତି ଯେ କହୁଛ-ଟିକିଏ ସ୍ୱପ୍ନ ଦେଖିବାବି ମୋର ଉଚିତ ନୁହେଁ ବୋଲି ଜାଣିପାରିବା ପରେ କ'ଣ କରନ୍ତି ମୁଁ ? ଏମିତି ତ ସବୁ ଚଳିଯାଉଛି । ତୁମ ଭାଇଙ୍କପାଇଁ ବ୍ୟସ୍ତ ଲାଗୁନାହିଁ ଆଉ । ଡ଼ାଲି, ତରକାରି କଲାପରି ତାଙ୍କ କାମ ବି କରୁଛି ।" ଭାଉଜ ଠିଆ ହୋଇପଡ଼ିଲେ-"ଶୋଇପଡ଼-ସକାଳେ ପୁରୀ ଯିବା ବୋଲି ମା କହୁଥିଲେ ।"

ସୀମାକୁ ଖୁବ୍ ଆଶ୍ୱସ୍ତି ଲାଗୁଥିଲା । କ'ଣ କହିଗଲେ ଭାଉଜ ! ସେ ତ କହିପାରିଥାନ୍ତେ ଭାଇକୁ ଭାରି ଭଲ ପାଆନ୍ତି ବୋଲି-କିନ ହେଲେ ବି ଅନ୍ତତଃ ସ୍ତ୍ରୀର କର୍ତ୍ତବ୍ୟ କରୁଛନ୍ତି ବୋଲି କହିଥାନ୍ତେ । ଅଥଚ . .. ଭାଇର କାମ ତାଙ୍କୁ ଡ଼ାଲି,

ତରକାରୀ କଲାପରି ଲାଗୁଛି । ସୀମାର ମୁଣ୍ଡ ବିନ୍ଧିବାକୁ ଲାଗିଲା । ରୀନା ଭାଉଜ କୋଉଠୁ ଶିଖିଲେ ଏ ସବୁ ? କିଏ କହିଲା ତାଙ୍କୁ ଏମିତି ଭାବିବାକୁ ? ସେ ତାଙ୍କ କଥା ଚୋରାଇ ନିଅନ୍ତେ କି ! ଏଇଆ ଭାବି ଭାବି ହୁଏତ ରାତି ପରେ ରାତି ସେ ଶୋଇପାରିବ ନାହିଁ ।

-ଆହା ଯଦି ରୀନା ଭାଉଜ ଶୁଭେନ୍ଦୁର ସ୍ତ୍ରୀ ହୋଇଥାନ୍ତେ ଆଉ ସେ ରୀନା ଭାଉଜ ହୋଇଥାନ୍ତା-ଝଲକ ପରି ଏକଥା ତ ମନକୁ ଆସିଗଲା । ନିଜ ଭାବନାରେ ନିଜେ ଶିହରି ଉଠୁଥିଲା ସୀମା ।

---